# ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

## ଅଧିସୂଚନା / ବିଜ୍ଞପ୍ତି

## ନୂଆଦିଲ୍ଲୀ, ୧୯ ଜୁଲାଇ ୨୦୧୨

G.S.R.578(E) ଅନୁସୂଚୀତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ 2008ର ସଂଶୋଧନ କରିବାପାଇଁ କେତୋଟି ନିୟମ, ଖସଡ଼ା ଯାହାକୁ କେନ୍ଦ୍ର ସରକାର ଅନୁସୂଚୀତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୬ (୨୦୦୭ ର ୨)ର ଧାରା ୧୪ର ଉପଧାରା (ଓ) ଅଧିନରେ ପ୍ରସ୍ତୁତ କରିବାପାଇଁ ପ୍ରସ୍ତାବ କରିଛନ୍ତି। ଉକ୍ତ ଉପଧାରା ଅଧିନରେ ଏହାକୁ ପ୍ରକାଶିତ କରି ଯେଉଁ ବ୍ୟକ୍ତି ସମୂହ ଏହାଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି ସେମାନଙ୍କର ବିରୋଧ ତଥା ମତାମତକୁ ଆହ୍ୱାନ କରାଯାଉଛି ।

ଏହି ଅଧିସୂଚନା ରାଜପତ୍ରରେ ଜନସାଧାରଣଙ୍କ ନିମନ୍ତେ ଜାରି କରିବାର ୩୦ଦିନ ମଧ୍ୟରେ ଏହି ନିୟମ ଖସଡ଼ା ସମ୍ବନ୍ଧୀୟ କୌଣସି ପ୍ରକାର ବିରୋଧ ତଥା ମତାମତ କେନ୍ଦ୍ର ସରକାର ଦ୍ୱାରା ବିଚାର କରିବା ନିମନ୍ତେ ଅଧିନସ୍ଥ ସଚିବ (ଜଙ୍ଗଲ ଅଧିକାର ଆଇନ୍) ଆଦିବାସୀ ମନ୍ତ୍ରଣାଳୟ ରୁମ୍ ନମ୍ବର - 416- B, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ ଠିକଣାରେ ପ୍ରେରଣ କରିବା ଆବଶ୍ୟକ।

ବର୍ତ୍ତମାନ କେନ୍ଦ୍ର ସରକାର ଅନୁସୂଚୀତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ (୨୦୦୭ ର ୨)ର ଧାରା ୧୪ର ଉପଧାରା (୧) ଓ ଉପଧାରା (୨) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତାର ପ୍ରୟୋଗ କରି, ଅନୁସୂଚୀତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୮ର ସଂଶୋଧନ କରିବା ନିମନ୍ତେ ନିମ୍ନଲିଖିତ ନିୟମ ପ୍ରସ୍ତୁତ କରିଛନ୍ତି। ଯଥା :-

## ନିୟମ ଖସଡ଼ା

୧. **ସଂକ୍ଷିପ୍ତ ନାମ ଏବଂ ପ୍ରାରମ୍ଭ - (୧) ଏହି ନିୟମର** ସଂକ୍ଷିପ୍ତ ନାମ ଅନୁସୂଚୀତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ନିୟମ ୨୦୧୨ ଅଟେ।

(i) ଏହା ଅନ୍ତିମ ପ୍ରକାଶନର ତାରିଖ ପରଠାରୁ ଲାଗୁ ହେବ।

୨. **ଅନୁସୂଚୀତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୮** (ଏହା ପରଠାରୁ ସଂଶୋଧନ ନିୟମ ୨୦୧୨ କୁହାଯିବ)ର ନିୟମ ୨ ର ଉପନିୟମ (୧)ରେ

(i) ଖଣ୍ଡ (ଖ)ର ସ୍ଥାନରେ ନିମ୍ନଲିଖିତ ଖଣ୍ଡ ରଖାଯିବ। ଅର୍ଥାତ୍ : -

(ଖ) "ଜୀବିକାର ବାସ୍ତବିକ ଆବଶ୍ୟକତା"ରେ ଅଧିନିୟମର ଧାରା ୩ର ଉପଧାରା (୧) ରେ ଉଦ୍ଦିଷ୍ଟ ଥିବା ଅଧିକାରର ପ୍ରୟୋଗ ମାଧ୍ୟମରେ ନିଜେ ଏବଂ ପରିବାରର ଜୀବିକାର ଆବଶ୍ୟକତାକୁ ପୁରା କରିବା ବିଷୟ କୁହାଯାଇଛି ଏବଂ ଏଥିରେ ଏହି ଅଧିକାର ପ୍ରୟୋଗ କରି ବଳକା ଉତ୍ପାଦନକୁ ବିକ୍ରି କରି ପାରିବେ, ଏହା ସଂନ୍ନିବେଶିତ ହୋଇଛି।

(ii) ଖଣ୍ଡ (ଘ)ର ସ୍ଥାନରେ ନିମ୍ନଲିଖିତ ଖଣ୍ଡ ରହିବ। ଅର୍ଥାତ୍ :-

(ଘ) ଅଧିନିୟମର ଧାରା ୩ର ଉପଧାରା (୧) ର ଖଣ୍ଡ (ଗ) ଅଧିନରେ ଲଘୁ ବନଜାତ ଦ୍ରବ୍ୟ ବିକ୍ରୟର ଅଧିକାର ଓ ଏହାର ବ୍ୟକ୍ତିଗତ କିମ୍ବା ସାମୂହିକ ଭାବରେ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ପରିବହନ କରିବା ପାଇଁ ସ୍ଥାନୀୟ ଉପଯୁକ୍ତ ସାଧନର ବ୍ୟବହାର କରିପାରିବେ। ଜଙ୍ଗଲ ମଧ୍ୟରୁ ଅଥବା ବାହାରୁ ଲଘୁବନଜାତ ଦ୍ରବ୍ୟ, ଜୀବିକା ନିମନ୍ତେ ବ୍ୟବହାର ଅଥବା ବିକ୍ରିପାଇଁ ଏହାର ସଂଗ୍ରହକାରୀ ବ୍ୟକ୍ତିଗତ କିମ୍ବା ସାମୂହିକ ଭାବରେ ପରିଷଦ ଅଥବା ସମବାୟ ମାଧ୍ୟମରେ କରିପାରିବା ବିଷୟ ଉଲ୍ଲେଖ ଅଛି।

**୩. ଏହି ନିୟମରେ, ନିୟମ ୨ପରେ ନିମ୍ନଲିଖିତ ନିୟମ ସ୍ଥାନୀତ କରାଯିବ। ଅର୍ଥାତ୍ :-**

"୨କ. ପଡ଼ାଗ୍ରାମ କିମ୍ବା ବସତିର ଚିହ୍ନଟ ଏବଂ ଏହାକୁ ସମ୍ମିଳିତ କରିବାର ପ୍ରକ୍ରିୟା
ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ:-

କ) ପ୍ରତ୍ୟେକ ପଞ୍ଚାୟତ ତାର ସୀମା ଭିତରେ ଥିବା ପଡ଼ାଗ୍ରାମ ବା ବସତିସମୂହ ରେକର୍ଡ଼ଭୁକ୍ତ / ନଥିଭୁକ୍ତ ହୋଇନଥିବା ଗ୍ରାମ ବନ୍ଦୋବସ୍ତ ହୋଇନଥିବା ଗ୍ରାମ, ଜଙ୍ଗଲ ଗ୍ରାମ, ଟାଙ୍ଗିଆ ଗ୍ରାମ ଅଥବା ଜଙ୍ଗଲ ସ୍ଥିତ ଗ୍ରାମ ଯାହା ଔପଚାରିକ ଭାବରେ କୌଣସି ରାଜସ୍ୱ ଅଥବା ଜଙ୍ଗଲ ଗ୍ରାମର ନଥିଭୁକ୍ତ ନହୋଇଛି, ସେହି ସମସ୍ତ ଗ୍ରାମର ସୂଚୀପ୍ରସ୍ତୁତ କରି ପଞ୍ଚାୟତର ସଂକଳ୍ପନାମା ମାଧ୍ୟମରେ ଏହି ଅଧିନିୟମର ଆବଶ୍ୟକତା ହେତୁ ଗ୍ରାମ ଭାବରେ ସମ୍ମିଳିତ ଏଭଳି ପ୍ରତ୍ୟେକ ପଡ଼ାଗ୍ରାମ, ବସତିଗୁଡ଼ିକୁ ଏକତ୍ରୀତ କରି ଗ୍ରାମସଭା ଦ୍ୱାରା ଏହି ସୂଚୀକୁ ପାରିତ କରିବେ।

ଖ) ବର୍ତ୍ତମାନ କୌଣସି ଗ୍ରାମର ଅଂଶବିଶେଷ ହୋଇନଥିବା ମାତ୍ର ପଞ୍ଚାୟତ ସଂକଳ୍ପନାମା ପରେ ଗ୍ରାମ ଭାବରେ ପଞ୍ଚାୟତର ଅନ୍ତର୍ଭୁକ୍ତ ହେଉଥିବା ପଡ଼ାଗ୍ରାମ ଓ ବସତିର ସୂଚୀକୁ ଅଧିକାରୀ ସମ୍ମିଳିତ କରି, ରାଜ୍ୟର ନିୟମ ଅନୁସାରେ ତଥା ଜନସାଧାରଣଙ୍କ ମତାମତକୁ ଆଧାରକରି ଗ୍ରାମଗୁଡ଼ିକୁ ମୂଖ୍ୟଗ୍ରାମ ସହିତ ସଂଯୁକ୍ତ କରିବେ ଅଥବା ସ୍ୱତନ୍ତ୍ର ଗ୍ରାମର ମାନ୍ୟତା ଦେବେ।

ଗ) ପଡ଼ାଗ୍ରାମ ତଥା ବସତିର ସୂଚୀ ଚୂଡ଼ାନ୍ତ ହେବାପରେ ଅଧିକାର ପ୍ରଦାନ ଓ ସ୍ୱୀକୃତିର ପ୍ରକ୍ରିୟା ସେହି ପଡ଼ାଗ୍ରାମ ତଥା ବସତିରେ ଆରମ୍ଭ କରାଯିବ ଓ ପୂର୍ବରୁ ମାନ୍ୟତା ଦିଆଯାଇଥିବା କୌଣସି ଅଧିକାରକୁ ବ୍ୟାଘାତ କରାଯିବ ନାହିଁ।

**୪. ଉକ୍ତ ନିୟମର ନିୟମ ୩ର ଉପନିୟମ (୧)ରେ :-**

"(i) "ଅତି କମ୍‌ରେ ଏକ ତୃତୀୟାଂଶ ସଦସ୍ୟ ଅନୁସୂଚୀତ ଜନଜାତି"ର ରହିବେ ସ୍ଥାନରେ "ଅତି କମ୍‌ରେ ଦୁଇ ତୃତୀୟାଂଶ ସଦସ୍ୟ ଅନୁସୂଚୀତ ଜନାଜାତି"ର ରହିବେ ବୋଲି କୁହାଯିବ।

(ii) ଦ୍ୱିତୀୟ ପ୍ରାବଧାନ ପରେ ନିମ୍ନଲିଖିତ ପ୍ରାବଧାନକୁ ସ୍ଥାନିତ କରାଯିବ। ଅର୍ଥାତ୍ :-

"ଅନୁସୂଚୀତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ନିୟମ ୨୦୧୨କୁ ଲାଗୁ ହେବା ତାରିଖ ପୂର୍ବରୁ ଆରମ୍ଭ କରାଯାଇଥିବା ଦାବି ସ୍ୱୀକୃତି ପ୍ରକ୍ରିୟା ଓ ଦାବି ସ୍ୱୀକୃତି ପ୍ରଭାବିତ ହେବନାହିଁ।"

**୫. ଏହି ନିୟମରେ ନିୟମ ୪, ଉପନିୟମ (୨) ସ୍ଥାନରେ ନିମ୍ନଲିଖିତ ଉପନିୟମ ସ୍ଥାନୀତ ହେବ। ଅର୍ଥାତ୍ :-**

" (୨) ଗ୍ରାମସଭା ବୈଠକର କୋରମ ସେହି ଗ୍ରାମସଭା ସଦସ୍ୟ ସଂଖ୍ୟାର ଅଧାହେବା ଆବଶ୍ୟକ।

- ଉଲ୍ଲେଖଯୋଗ୍ୟ ଯେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଅତି କମ୍‌ରେ ଏକ ତୃତୀୟାଂଶ ମହିଳା ସଦସ୍ୟା ଉପସ୍ଥିତ ଥିବା ଆବଶ୍ୟକ:
- ଆହୁରି ମଧ୍ୟ ଉଲ୍ଲେଖନୀୟ ଯେ ଯେଉଁ ବୈଠକରେ ଜଙ୍ଗଲ ଅଧିକାର ଦାବି ଉପରେ କୌଣସି ସଂକଳ୍ପନାମା ପାରିତ କରାଯାଉଛି ତେବେ ସେହି ବୈଠକରେ ଦାବିଦାର ଉପରେ ନିର୍ଭରଶୀଳ ସଦସ୍ୟ ତଥା ଅତି କମ୍‌ରେ ୫୦ ପ୍ରତିଶତ ଦାବିଦାର ଉପସ୍ଥିତ ହେବା ଆବଶ୍ୟକ।

*୬.* **ଏହି ନିୟମର ନିୟମ *୬*ରେ** ଖଣ୍ଡ (ଞ)ର ସ୍ଥାନରେ ନିମ୍ନଲିଖିତ ଖଣ୍ଡକୁ ସ୍ଥାନିତ କରାଯିବ। ଅର୍ଥାତ୍:-

(ଞ) ଏହି ନିୟମର ପରିଶିଷ୍ଟ – ୧ (ଫର୍ମ କ, ଖ ଏବଂ ଗ) ଅନୁଯାୟୀ ଦାବିଦାରଙ୍କୁ ଦାବିଫର୍ମ ସହଜରେ ତଥା ବିନାମୂଲ୍ୟରେ ଉପଲବ୍ଧ କରାଇବାର ନିଶ୍ଚିତ କରିବ।"

**୭. ଏହି ନିୟମର ନିୟମ ୮ରେ,**

(i) ଖଣ୍ଡ (ଛ)ରେ ଏବଂ ଶବ୍ଦକୁ ଉଠାଇ ଦିଆଯିବ।

(ii) ଖଣ୍ଡ (ଜ) ରେ ଶେଷରେ ଏବଂ ଶବ୍ଦକୁ ଯୋଡାଯିବ।

(iii) ଖଣ୍ଡ (ଜ) ପରେ ନିମ୍ନଲିଖିତ ଖଣ୍ଡଗୁଡ଼ିକୁ ସ୍ଥାନିତ କରାଯିବ, ଅର୍ଥାତ୍:-

"(ଝ) ଏହାକୁ ସୁନିଶ୍ଚିତ କରାଯିବ ଯେ ଆଇନ୍ ଅଧିନରେ ସାମୂହିକ ଜଙ୍ଗଲ ସମ୍ବଳ ଅଧିକାର ଓ ଅଧିକାରପତ୍ର ଯାହା ଏହି ନିୟମର ପରିଶିଷ୍ଟ ୪ରେ ନିର୍ଦ୍ଦିଷ୍ଟ ରହିଛି, ଏହାର ରେକର୍ଡ଼ର ପ୍ରମାଣପତ୍ର ସମ୍ପୃକ୍ତ ଗ୍ରାମସଭାକୁ ଅଥବା ସମୁଦାୟକୁ ପ୍ରଦାନ କରିବେ।"

**୮. ଏହି ନିୟମର ନିୟମ ୧୦ରେ :-**

(i) ଖଣ୍ଡ (ଗ) ସ୍ଥାନରେ ନିମ୍ନଲିଖିତ ଖଣ୍ଡ ରଖାଯିବ :-

"(ଗ) ଅତି କମ୍‌ରେ ତିନିମାସରେ ଗୋଟିଏ ଥର ଅଧିକାରର ମାନ୍ୟତା ପ୍ରଦାନ ପ୍ରକ୍ରିୟା, ଯାଞ୍ଚ ତଥା ଜଙ୍ଗଲ ଅଧିକାର ସ୍ୱୀକୃତିକୁ ତଦାରଖ / ନିରୀକ୍ଷଣ କରିବାପାଇଁ ବୈଠକ କରିବ। କ୍ଷେତ୍ରୀୟ ସ୍ତରର ସମସ୍ୟା ଉପରେ ବିଚାର କରି ଏହାର ସମାଧାନ କରିବ, ଏବଂ ଦାବିପତ୍ରଗୁଡ଼ିକର ସ୍ଥିତି ଓ ଏହାର ନିର୍ଦ୍ଧାରଣ ନିମନ୍ତେ କେନ୍ଦ୍ର ସରକାରଙ୍କୁ ତ୍ରୟମାସିକ ରିପୋର୍ଟ ପ୍ରଦାନ କରିବ। ଆଇନ୍ ଅଧିନରେ ଆବଶ୍ୟକୀୟ ପଦେକ୍ଷପ ଗ୍ରହଣ କରି ଅନୁମୋଦନ କରାଯାଇଥିବା ଦାବିର ବିବରଣୀ, ନାକଚ ହୋଇଥିବା ଦାବିର କାରଣ ଯଦି କିଛି ଥାଏ, ପଡ଼ିରହିଥିବା ଦାବିପତ୍ରର ସ୍ଥିତି ଓ ସୂଚନାର ସଙ୍କଳନ କରି କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ସ୍ଥାନୀତ କରିବେ।"

(ii) ଖଣ୍ଡ (ଙ) ପରେ ନିମ୍ନଲିଖିତ ଖଣ୍ଡ ଶେଷରେ ସ୍ଥାନୀତ କରାଯିବ, ଅର୍ଥାତ୍ :-

"(ଚ) ଆଇନ୍‌ର ଧାରା 3ର ଉପଧାରା (୧)ର ଖଣ୍ଡ (ଡ) ଥିବା ପ୍ରାବଧାନର ପାଳନ ତଥା ତଦାରଖ / ନିରୀକ୍ଷଣ କରିବ। ଯେଉଁମାନେ ଯଥାବତ୍ ପୂନଃବାସର ଅଧିକାରକୁ ମାନ୍ୟତା ଦେଇଛନ୍ତି, ବିକଳ୍ପ ଜମି ନ ଦେଇ ଏହି କ୍ଷେତ୍ରରେ ଆଦିବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀର ପୂନଃ ଥଇଥାନର ସାମ୍ବିଧାନିକ ଅଧିକାର ପ୍ରାପ୍ତ ନକରି କୌଣସି କିସମର ଜଙ୍ଗଲ ଜମିରୁ ବେଆଇନ୍ ଭାବରେ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଉଚ୍ଛେଦ ବା ବିସ୍ଥାପିତ କରାଯାଇଛି ଓ ଆଇନ୍‌ର ଧାରା ୪ର ଉପଧାରା (୮) ଅଧିନରେ ଥିବା ପ୍ରାବଧାନ ଅନୁସାରେ ଯେଉଁ କ୍ଷେତ୍ରରେ ସେମାନଙ୍କୁ ତାଙ୍କର ବସତି କିମ୍ବା ଚାଷଜମିରୁ ଦେଶର ଉନ୍ନୟନ ପ୍ରକଳ୍ପ ନିମନ୍ତେ ବିନା ଜମି କ୍ଷତିପୂରଣରେ ଉଚ୍ଛେଦ କରାଯାଉଛି ତଥା ସେହି ଜମି ଯେଉଁ କାରଣ ପାଇଁ ଅଧିଗ୍ରହଣ କରାଯାଇଥିଲା ପାଞ୍ଚବର୍ଷ ମଧ୍ୟରେ ସେହି କାର୍ଯ୍ୟପାଇଁ ବ୍ୟବହୃତ ହୋଇନାହିଁ; ତାକୁ ମଧ୍ୟ ନିରୀକ୍ଷଣ କରିବ।"

୯. **ଏହି ନିୟମର ନିୟମ ୧୧ର** ଉପନିୟମ (୪) "ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଫର୍ମ ଖ"ର ଶବ୍ଦ ଏବଂ ଅକ୍ଷର ସ୍ଥାନରେ "ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଫର୍ମ ଖ ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ଫର୍ମ ଗ" ଶବ୍ଦ ଓ ଅକ୍ଷର ରଖାଯିବ।

୧୦. **ଏହି ନିୟମର ନିୟମ ୧୨ ପରେ** ନିମ୍ନଲିଖିତ ନିୟମଗୁଡ଼ିକ ସ୍ଥାନୀତ ହେବ। ଅର୍ଥାତ୍:-

"୧୨କ. ଅଧିକାର ସ୍ୱୀକୃତି ପ୍ରକ୍ରିୟା :-

(୧) ଜଙ୍ଗଲ ଅଧିକାର କମିଟି ଠାରୁ ସୂଚନା ପ୍ରାପ୍ତ ହେବାପରେ ଜଙ୍ଗଲ ଓ ରାଜସ୍ୱ ବିଭାଗର ଅଧିକାରୀ କ୍ଷତ୍ରୀୟସ୍ଥଳରେ ଉପସ୍ଥିତ ରହି ଦାବି ତଥା ପ୍ରମାଣଗୁଡ଼ିକର ସତ୍ୟାସତ୍ୟ ନିରୂପଣ କରିବେ।

(୨) ଗ୍ରାମସଭା କିମ୍ବା ଉପଖଣ୍ଡ ସ୍ତରୀୟ ସମିତି ଦ୍ୱାରା ଦାବିପତ୍ରରେ ପରିବର୍ତ୍ତନ ଅଥବା ନାକଚ କରିବା କ୍ଷେତ୍ରରେ ପ୍ରଭାବିତ ଦାବିଦାରକୁ ଉପଖଣ୍ଡ ସ୍ତରୀୟ ଅଥବା ଜିଲ୍ଲା ସ୍ତରୀୟ କମିଟିକୁ ଆବେଦନ କରିବା ପାଇଁ ୬୦ ଦିନର ସମୟସୀମା ପ୍ରଦାନ କରାଯିବ, ଏବଂ ପ୍ରଭାବିତ ଦାବିଦାର ତାର ଦାବି ସପକ୍ଷରେ ଯେକୌଣସି ପ୍ରମାଣ ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ସୁଯୋଗ ଦିଆନଯାଇ ଅନ୍ତିମ ନିଷ୍ପତ୍ତି ନିଆଯିବ ନାହିଁ।

(୩) ଉପଖଣ୍ଡ ସ୍ତରୀୟ କମିଟି ଅଥବା ଜିଲ୍ଲାସ୍ତରୀୟ କମିଟି ଗ୍ରାମସଭାର ସଙ୍କଳ୍ପନାମା ତଥା ସୁପାରିଶକୁ ଅସମ୍ପୂର୍ଣ୍ଣ ଅଥବା ଅଧିକ ପରୀକ୍ଷଣ ଆବଶ୍ୟକ ମନେ କରିବା ସ୍ଥଳେ ଦାବିପତ୍ରକୁ ପରିବର୍ତ୍ତନ ଅଥବା ନାକଚ କରିବା ବଦଳରେ ପୂନଃବିଚାର ନିମନ୍ତେ ପ୍ରେରଣ କରିବେ।

(୪) ଯେଉଁ କ୍ଷେତ୍ରରେ ଗ୍ରାମସଭା ଦ୍ୱାରା କୌଣସି ଦାବିପତ୍ରକୁ ସୁପାରିଶ କରି ପାରିତ କରିଦିଆଯାଇଛି ଓ ତାକୁ ଉପଖଣ୍ଡ ସ୍ତରୀୟ କମିଟି ମଧ୍ୟ ସମର୍ଥନ କରିଛନ୍ତି କିନ୍ତୁ ଯଦି ତାହା ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ହେଉନାହିଁ ତେବେ ଜିଲ୍ଲାସ୍ତରୀୟ କମିଟି ଗ୍ରାମସଭା ତଥା ଉପଖଣ୍ଡସ୍ତରୀୟ କମିଟିର ସୁପାରିଶକୁ ସ୍ୱୀକାର ନକରିବାର କାରଣ ଲିଖିତରୂପେ ଓ ଏହି ସଂକ୍ରାନ୍ତରେ ଜିଲ୍ଲା ସ୍ତରୀୟ କମିଟିର ନିର୍ଦ୍ଦେଶର ନକଲକୁ ସଂଲଗ୍ନ କରି ଦାବିଦାରକୁ ଉପଲବ୍ଧ କରାଇବେ।

(୫) ଆଇନ୍‌ର ଧାରା ୩ର ଉପଧାରା (୧)ର ଖଣ୍ଡ (କ) ଅଧିନରେ ସ୍ୱୀକୃତିପ୍ରାପ୍ତ ଚାଷଜମି ସମ୍ବନ୍ଧିତ ଅଧିକାର ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହିବ ଓ ଏହାର ଅନ୍ତର୍ଗତ ଚାଷ କରିବାର ଅନ୍ୟାନ୍ୟ ଆନୁସଙ୍ଗିକ

କାର୍ଯ୍ୟକଳାପ ଯେପରିକି ପଶୁପାଳନ, ଫସଲ ଅମଳ ଓ ଫସଲ ଅମଳ ପରବର୍ତ୍ତୀ କାର୍ଯ୍ୟକଳାପ ନିମନ୍ତେ ଖଳା ଇତ୍ୟାଦି ନିମନ୍ତେ ସେହି ବନଭୂମିର ଅନ୍ତର୍ଭୁକ୍ତ ରହିବ।

(୬) ନିୟମର ପରିଶିଷ୍ଟ ୨, ୩ ଏବଂ ୪ରେ ଉଲ୍ଲେଖିତ ଅଧିକାର ବନ୍ଦୋବସ୍ତ ଓ ଦାବିପତ୍ର ପ୍ରସ୍ତୁତି ପ୍ରକ୍ରିୟାର ସମାପ୍ତି ପରେ ରାଜସ୍ୱ ଓ ଜଙ୍ଗଲ ବିଭାଗ, ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରିବେ ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ଯେଉଁ ରେକର୍ଡ଼ରେ ସେହି ଜମି ରହିଛି ସମ୍ପୃକ୍ତ କର୍ତ୍ତୃପକ୍ଷ ସେହି ରେକର୍ଡ଼ରେ ତାକୁ ସମ୍ମିଳିତ କରିବେ। ରାଜ୍ୟର ନିୟମର ପ୍ରାସଙ୍ଗିକତାକୁ ନେଇ ସ୍ୱତନ୍ତ୍ର ସମୟସୀମାରେ ରେକର୍ଡ଼ ମଧ୍ୟରେ ଏହାକୁ ସନ୍ନିବେଶ କରାଯିବ।

(୭) ଗ୍ରାମସଭାର ସଙ୍କଳ୍ପନାମା ତଥା ସୁପାରିଶକୁ ଉପଖଣ୍ଡ ଅଥବା ଜିଲ୍ଲା ସ୍ତରୀୟ କମିଟି ଯଦି କିଛି ପରିବର୍ତ୍ତନ ଅଥବା ନାକଚ କରିଥାନ୍ତି ସେହି ସମସ୍ତ ନିର୍ଦ୍ଦେଶ କାରଣ ସହିତ ଉପଲବ୍ଧ ହେବ।

(୮) ଉପଖଣ୍ଡ ଅଥବା ଜିଲ୍ଲା ସ୍ତରୀୟ କମିଟି ଏଭଳି କୌଣସି ଦାବିପତ୍ର ଯାହା ସହିତ ନିୟମ ୧୩ ରେ, ଉଲ୍ଲେଖ ଅନୁଯାୟୀ ଯେକୌଣସି ଦୁଇଟି ପ୍ରମାଣ ସଂଲଗ୍ନ ରହିଛି ଓ ଯାହାକୁ ଗ୍ରାମସଭା ଦ୍ୱାରା ସୁପାରିଶ କରାଯାଇଛି ତାକୁ ବିସ୍ତୁତ କାରଣ ଲିଖିତ ଭାବରେ ନଜଣାଇ ନାମଞ୍ଜୁର କରିପାରିବେ ନାହିଁ। ଆହୁରି ମଧ୍ୟ କୌଣସି ଦାବିପତ୍ରକୁ ବିଚାରକୁ ନେବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ପ୍ରକାର ପ୍ରମାଣ ପାଇଁ ଜୋର୍ ଦେଇପାରିବେ ନାହିଁ।

(୯) ପ୍ରଶାସନିକ କାର୍ଯ୍ୟକଳାପ ମଧ୍ୟରେ ବାହାରିଥିବା ଜୋରିମାନାର ରସିଦ୍, ଜବରଦଖଲ ସୂଚୀ, ମୁଖ୍ୟ ଅପରାଧ ରିପୋର୍ଟ, ଜଙ୍ଗଲ ବନ୍ଦୋବସ୍ତ ରିପୋର୍ଟ, ସେହି ସମ୍ବନ୍ଧୀୟ ବିବରଣୀ, ଇତ୍ୟାଦି ଦାବିପତ୍ର ସହିତ ସଂଲଗ୍ନ କରିନପାରିବା, ଦାବିପତ୍ର ନାକଚ କରିବାର ଏକମାତ୍ର କାରଣ ହେବନାହିଁ।

**"୧୨ ଖ. ଗୋଷ୍ଠୀଗତ ଅଧିକାର ସ୍ୱୀକୃତି ପ୍ରକ୍ରିୟା. – ଜିଲ୍ଲାସ୍ତରୀୟ କମିଟି, –**

କ) ବନବାସୀଙ୍କ ମଧ୍ୟରେ ଅଧିକ ଅସୁରକ୍ଷିତ ଜନଜାତିସମୂହଙ୍କ ସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ସୁନିଶ୍ଚିତ କରିବ ଯେ ସମସ୍ତ ଜନଜାତି (ପି.ଟି.ଜି) ସମ୍ବନ୍ଧିତ ପାରମ୍ପରିକ ସଂସ୍ଥାର ପରାମର୍ଶକ୍ରମେ ସେମାନେ ବସତି (ପିଡ଼୍) ଅଧିକାର ପ୍ରାପ୍ତ କରିବେ। ଆବାସ ଅଧିକାର ନିମନ୍ତେ ସେମାନେ ଦାବିପତ୍ର ସମ୍ପୃକ୍ତ ଗ୍ରାମସଭା ନିକଟରେ ଉପସ୍ଥାପିତ କରିବେ। ଯେଉଁ କ୍ଷେତ୍ରରେ ଗ୍ରାମସଭା ଭାସମାନ ସ୍ଥିତି (ଯାଯାବର ଆଦିମ ଜନଜାତି କ୍ଷେତ୍ରରେ) ରହିଛି ସେହି ଗ୍ରାମସଭାକୁ ମଧ୍ୟ ମାନ୍ୟତା ଦିଆଯିବ ଓ ସେହି ଗୋଷ୍ଠୀର ଆଦିମ ଜନଜାତି ସେଭଳି ଗ୍ରାମସଭାରେ ମଧ୍ୟ ସେମାନଙ୍କ ଦାବିପତ୍ର ଉପସ୍ଥାପନ କରିପାରିବେ।

ଖ) ପଶୁପାଳକ ଗୋଷ୍ଠୀଙ୍କୁ ମଧ୍ୟ ସେମାନଙ୍କ ଗ୍ରାମସଭାରେ ଦାବିପତ୍ର ଉପସ୍ଥାପନ ପାଇଁ ବ୍ୟବସ୍ଥା କରାଯିବ।

୧୧. ଏହି ନିୟମରେ ପରିଶିଷ୍ଟ -୧ ରେ 'ଫର୍ମ ଖ' ପରେ ନିମ୍ନଲିଖିତ ଫର୍ମ ପରିଶେଷରେ ସଂଲଗ୍ନ କରାଯିବ, ଅର୍ଥାତ୍ :-

**"ଫର୍ମ - ଗ**

**ସାମୂହିକ ଜଙ୍ଗଲ ସମ୍ବଳ ନିମନ୍ତେ ଦାବିଫର୍ମ**

**[ଆଇନ୍‌ର ଧାରା ୩ (୧)( ୫) ଓ ନିୟମ ୧୧(୧) ଓ (୪କ) ଦେଖନ୍ତୁ]**

୧. ଗ୍ରାମ / ଗ୍ରାମସଭା :

୨. ଗ୍ରାମ ପଞ୍ଚାୟତ :

୩. ତହସିଲ / ତାଲୁକ :

୪. ଜିଲ୍ଲା :

୫. ଗ୍ରାମସଭାର ସଦସ୍ୟମାନଙ୍କ ନାମ [ଏକ ସ୍ୱତନ୍ତ୍ର ଫର୍ଦ୍ଦ ସଂଲଗ୍ନ କରି ପ୍ରତ୍ୟେକ ସଭ୍ୟଙ୍କ ସ୍ଥିତି ଆଦିବାସୀ / ଅନ୍ୟାନ୍ୟ ପାରମ୍ପରିକ ବନବାସୀକୁ ନିର୍ଦ୍ଦିଷ୍ଟ କରନ୍ତୁ]

ଦାବି ଉପସ୍ଥାପନ କରିବାପାଇଁ କିଛି ଆଦିବାସୀ / ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଉପସ୍ଥିତ ହେବା ପର୍ଯ୍ୟାପ୍ତ ଅଟେ।

ଆମେ ଏହି ଗ୍ରାମ ସଭାର ସ୍ୱାକ୍ଷରକାରୀ ନିବାସୀ ଏହାଦ୍ୱାରା ଏହି ସଙ୍କଳ୍ପ କରୁଛୁ ଯେ ନିମ୍ନରେ ଓ ସଂଲଗ୍ନ ମାନଚିତ୍ରରେ ନିର୍ଦ୍ଦିଷ୍ଟ ଥିବା ଅଞ୍ଚଳ, ଯେଉଁଠି ଆମର ସାମୂହିକ ଜଙ୍ଗଲ ସମ୍ବଳ ସମ୍ମିଳିତ ରହିଛି, ତା ଉପରେ ଆମେ ଆମର ଅଧିକାର ସ୍ୱୀକୃତି ପାଇଁ ଦାବି କରୁଛୁ

(ଅବସ୍ଥିତ ଗ୍ରାମର ପାରମ୍ପରିକ ତଥା ପ୍ରଚଳିତ ସୀମା ମଧ୍ୟସ୍ଥ ସୀମାଚିହ୍ନ କିମ୍ବା ପଶୁପାଳକ ଗୋଷ୍ଠୀଦ୍ୱାରା ଋତୁକାଳୀନ ବ୍ୟବହୃତ ଭୂଭାଗ ଅଞ୍ଚଳ ଯେଉଁଠିକି ଗୋଷ୍ଠୀର ପାରମ୍ପରିକ ବ୍ୟବହାର ରହିଛି ଓ ଯାହାକୁ ସେମାନେ ପାରମ୍ପରିକ ଭାବରେ ଦୀର୍ଘସ୍ଥାୟୀ ବ୍ୟବହାର ପାଇଁ ସଂରକ୍ଷଣ କରୁଥିଲେ, ତାକୁ ଚିହ୍ନଟ କରି ସାମୂହିକ ଜଙ୍ଗଲ ସମ୍ବଳର ମାନଚିତ୍ର କରିବେ। ଦୟାକରି ଧ୍ୟାନ ଦିଅନ୍ତୁ, ଏହି ମାନଚିତ୍ର ପ୍ରଶାସନିକ ମାନଚିତ୍ରର ଅନୁରୂପ ହେବା ଆବଶ୍ୟକ ନୁହେଁ।)

୬. ଖସରା / କମ୍ପାଟମେଣ୍ଟ ସଂଖ୍ୟା (ସଂଖ୍ୟାଗୁଡ଼ିକ) (ଯଦି କିଛି ଥାଏ ଓ ଯଦି କିଛି ଜାଣିଥାନ୍ତି)

୭. ସୀମାକୁ ଲାଗିଥିବା ଗ୍ରାମ:

(i)

(ii)

(iii)

ଏଥିରେ ଅନ୍ୟ କୌଣସି ଗ୍ରାମ ସହିତ ସମ୍ବଳ ଓ ଦାୟିତ୍ୱ ବଣ୍ଟନ ସମ୍ବନ୍ଧରେ ସୂଚନା ସମ୍ମିଳିତ କରାଯାଇ ପାରିବ।

୮. ସମର୍ଥନରେ ପ୍ରମାଣଗୁଡ଼ିକର ସୂଚୀ (ଦୟାକରି ନିୟମ ୧୩ ଦେଖନ୍ତୁ)

୧୨.	ଏହି ନିୟମରେ ପରିଶିଷ୍ଟ ୩ ପରେ ନିମ୍ନଲିଖିତ ପରିଶିଷ୍ଟ ପରିଶେଷରେ ସଂଲଗ୍ନ କରାଯିବ; ଅର୍ଥାତ୍ :-

**ପରିଶିଷ୍ଟ -୪**

**ସାମୂହିକ ଜଙ୍ଗଲ ସମ୍ବଳର ଅଧିକାର ପତ୍ର**

**ନିୟମ ୮ (୫) ଦେଖନ୍ତୁ**

୧. ଗ୍ରାମ / ଗ୍ରାମସଭା:

୨. ଗ୍ରାମ ପଞ୍ଚାୟତ :

୩. ତହସିଲ / ତାଲୁକ :

୪. ଜିଲ୍ଲା :

୫. ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ :

୬. ଅଧିକାର ବର୍ଣ୍ଣନ ଓ ପ୍ରକୃତି, ଯାହାକୁ ସମୁଦାୟ ପାରମ୍ପରିକ ଭାବରେ ସୁରକ୍ଷା ଓ ସଂରକ୍ଷଣ କରୁଛନ୍ତି

୭. ସୀମାର ବର୍ଣ୍ଣନ ତଥା ପ୍ରଚଳିତ ସୀମା ସହିତ ସ୍ୱଷ୍ଟ ସୀମା ଚିହ୍ନ ଏବଂ ଖସରା / କମ୍ପାଟମେଣ୍ଟ ନମ୍ବର

ଉକ୍ତ ଅଞ୍ଚଳ ମଧ୍ୟରେ ଏହି ସମୁଦାୟର ସାମୂହିକ ଜଙ୍ଗଲ ସମ୍ବଳର ସୁରକ୍ଷା, ପୂନଃଜନନ, ସଂରକ୍ଷଣ ତଥା ପରିଚାଳନା କରିବାର ଅଧିକାର ପ୍ରାପ୍ତ କରିବ ଓ ଏହି (ନାମ ଉଲ୍ଲେଖ) ସାମୂହିକ ଜଙ୍ଗଲ ସମ୍ବଳ ଯାହାକୁ ସେମାନେ ଆଇନ୍‌ର ଧାରା ୩ (୧)(୫) ଅନୁସାରେ ପାରମ୍ପରିକ ଭାବରେ ସୁରକ୍ଷା, ସଂରକ୍ଷର ଏବଂ ଦୀର୍ଘସ୍ଥାୟୀ ଭାବରେ ବ୍ୟବହାର କରି ଆସୁଛନ୍ତି।

ଆମେ ସ୍ୱାକ୍ଷରକାରୀ ଏହାଦ୍ୱାରା ସରକାରଙ୍କ ପାଇଁ ଓ ତାଙ୍କ ପକ୍ଷରୁ ଉପରୋକ୍ତ ଗ୍ରାମସଭା (ଗ୍ରାମସଭାଗୁଡ଼ିକ) ସମୁଦାୟ (ସମୁଦାୟଗୁଡ଼ିକ)ଙ୍କ ପାଇଁ ଦାବି ବର୍ଣ୍ଣନା କରାଯାଇଥିବା ସାମୁଦାୟୀକ ଜଙ୍ଗଲ ସମ୍ବଳ (ସୀମା, ମାତ୍ରା, ଅଞ୍ଚଳ, ଯାହା ଉପଯୁକ୍ତ ଅଟେ) କୁ ନିଶ୍ଚିତ କରି ଆମେ ଆମର ସ୍ୱାକ୍ଷର କରୁଛୁ।

---

ବନଖଣ୍ଡ ଅଧିକାରୀ / ଅତିରିକ୍ତ ବନପାଳ		ଜିଲ୍ଲା ଆଦିବାସୀ ଉନ୍ନୟନ ଅଧିକାରୀ /

ଜିଲ୍ଲାପାଳ / ଅତିରିକ୍ତ ସଚିବ

F(No – 23011/32/2010 FRA (Vol.11)

ଡଃ ସାଧନା ରାଉତ, ଯୁଗ୍ମ ସଚିବ

ଟିପ୍ପଣୀ – ମୂଳ ନିୟମ ଭାରତର ରାଜପତ୍ର ଅସାଧାରଣ, ଭାଗ ୨ ଖଣ୍ଡ ୩ ଉପଖଣ୍ଡ (୫) ରେ (GSR)1 (E) ତାରିଖ ୧ ଜାନୁୟାରୀ ୨୦୦୮ ଦ୍ୱାରା ପ୍ରକାଶିତ କରାଯାଇଛି।